ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି

ଜିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା

ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , (ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ)

ଭବାନୀପାଟଣା

---

ପତ୍ର ସଂ - ୨୩ ସପ୍ତାହ- ୨୧ ତାରିଖ- ୨୨.୦୫.୨୦୧୮

## ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୨୩.୦୫.୨୦୧୮ ରୁ ୨୭.୦୫.୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୨୩.୦୫.୨୦୧୮ ରୁ ୨୬.୦୫.୨୦୧୮ ମଧ୍ୟରେ ନୂଆପଡା ଜିଲ୍ଲା ର କେତେକ ସ୍ଥାନ ରେ ସ୍ୱଳ୍ପ ମାତ୍ର ରେ ବର୍ଷା ହେବା ସମ୍ଭାବନା ଥିବା ସମୟରେ ତା.୨୭.୦୫.୨୦୧୮ ରେ ପାଗ ଶୁଖିଲା ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପୂର୍ବ ଓ ଦକ୍ଷିଣ - ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୦୨-୦୦୫ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି.ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୩୬-୪୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୩-୨୫ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୬୪-୭୦ ଓ ୧୮-୨୩ % ରହିବା ସମ୍ଭାବନା ଅଛି.

**ଡ଼ାଲୁଅ ଧାନ:**

- ଡ଼ାଲୁଅ ଧାନ ମୁଖ୍ୟ ଜମି ରେ ମଞ୍ଜି ପାକଳ ରୁ ଅମଳ ହେବା (୧୪-୧୬ ସପ୍ତାହ) ଅବସ୍ଥା ରେ ଅଛି. ମଞ୍ଜି ପାକଳ ହେବ ସମୟ ରେ ଜମି ରୁ ପାଣି କାଟି ବାହାର କରି ଦିଅନ୍ତୁ
- ଆସନ୍ତା ୨୬.୦୫.୨୦୧୮ ମଧ୍ୟରେ ସ୍ୱଳ୍ପ ମାତ୍ର ରେ ବର୍ଷା ହେବା ର ସମ୍ଭାବନା ଥିବାରୁ ବର୍ଷା କୁ ଦେଖି ଫସଲ ଅମଳ କରନ୍ତୁ ଏବଂ ଅମଳ ହୋଇଥିବା ଫସଲ କୁ ସୁରକ୍ଷିତ ସ୍ଥାନ୍ନ ରେ ରଖନ୍ତୁ

**.ଆଖୁ :**

- ଆଖୁ ବର୍ତମାନ ଅଂଗୀୟ ବୃଦ୍ଧି ଅବସ୍ଥା ରେ (୧୧-୧୪) ଅଛି. ଏହିସମୟରେ ୧୦ ଦିନ ଅନ୍ତର ରେ ଜଳସେଚନ କରନ୍ତୁ. ବର୍ଷା କୁ ଦେଖି ଜଳସେଚନ ଯୋଜନା କରନ୍ତୁ.

**ମାଛ :**

- ପୋଖରୀ ପାଣି ର ଗଭୀରତା ୩ଫୁଟ ରୁ କାମ ଓ ତାପମାତ୍ରା ୩୦ ଡ଼ିଗ୍ରୀ ସେ. ରୁ ଅଧିକ ହୋଇଗଲେ ପୋଖରୀ ରୁ ମାଛ ଧରି ନିଅନ୍ତୁ.

**ପ୍ରାଣୀ ସମ୍ପଦ:**

- ଦିନ ର ତାପମାତ୍ରା ୩୬-୪୦ ଡ଼ିଗ୍ରୀ ସେ. ମଧ୍ୟରେ ରହିବ ସମ୍ଭାବନା ଥିବାରୁ ଗାଇଗରୁ , ଛେଳି, ମେଣ୍ଢା ଇତିଆଡ଼ି ଗୃହପାଳିତ ପଶୁ ମାନଙ୍କୁ ଦିନ ୧୧ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ ଏବଂ ଛାଇ ରେ ରଖନ୍ତୁ ଓ ପି ବା ପାଇଁ ଥଣ୍ଡା ପାଣି, ତୋରାଣି ଦିଅନ୍ତୁ.
- ଗରମ ପବନ ରୁ କୁକୁଡ଼ା ମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ପାଳନ ଘର କାନ୍ଥ ରେ ଅଖା ବସ୍ତା ଟାଙ୍ଗି ଦିନ ରେ ୩-୪ ଥର ପାଣି ଛିଞ୍ଚନ୍ତୁ.

ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା